ଓଡ଼ିଶା ସରକାର

# ୧୯୯୬-୯୭ ବର୍ଷର ଆୟବ୍ୟୟ ଅଟକଳ
# ଓଡ଼ିଶା ବିଧାନ ସଭାରେ
# ଉପସ୍ଥାପନ ଅବସରରେ

ଉପମୁଖ୍ୟମନ୍ତ୍ରୀ ତଥା

ଅର୍ଥ ମନ୍ତ୍ରୀ


## ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କର


# ଅଭିଭାଷଣ

ଜୁନ ୨୬, ୧୯୯୬

ଅଧ୍ୟକ୍ଷ ମହାଶୟ,

ଏହି ମହାନ୍ ଗୃହରେ ୧୯୯୬-୯୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ଅବସରରେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଉଛି ।

୨. ୧୯୯୬-୯୭ ବର୍ଷର ଆୟ ବ୍ୟୟ ଅଟକଳର ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ ପୂର୍ବରୁ ମୁଁ ଆମ ରାଜ୍ୟର ଜନସାଧାରଣଙ୍କୁ ଗତ ଲୋକସଭା ନିର୍ବାଚନରେ ଆମ ଦଳ ପ୍ରତି ବିପୁଳ ସମର୍ଥନ ଦେଇଥିବାରୁ ଗଭୀର କୃତଜ୍ଞତା ଜଣାଉଛି । ବିଧାନ ସଭା ନିର୍ବାଚନ ବେଳେ ଆମ ଦଳର ନିର୍ବାଚନ ପ୍ରତିଶ୍ରୁତିଗୁଡ଼ିକୁ ଆମ ସରକାର ସନ୍ତୋଷଜନକଭାବେ କାର୍ଯ୍ୟକାରୀ କରିଥିବାରୁ ଯେ ଆମ ଦଳର ପ୍ରାର୍ଥୀମାନେ ଲୋକସଭା ନିର୍ବାଚନରେ ବିପୁଳ ଜନ ସମର୍ଥନ ଲାଭ କରିପାରିଛନ୍ତି, ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

୩. ୧୯୯୬-୯୭ ଆର୍ଥିକ ବର୍ଷ ପୂର୍ବରୁ ବିଗତ ମାର୍ଚ୍ଚ ମାସରେ କେଉଁ ପରିସ୍ଥିତିରେ ଚଳିତ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ସମ୍ଭବ ହୋଇ ପାରିନଥିଲା ତାହା ମୁଁ ଲେଖାନୁଦାନ ପ୍ରସ୍ତାବ ଆଗତ କରିବା ସମୟରେ ସୂଚିତ ଦେଇଥିଲି । ଗତ ଲୋକସଭା ନିର୍ବାଚନ ପରେ କେନ୍ଦ୍ରରେ ନୂତନ ସରକାର ଗଠିତ ହୋଇ ବିଭିନ୍ନ ରାଜ୍ୟମାନଙ୍କୁ କେନ୍ଦ୍ରୀୟ ସାହାଯ୍ୟର ପରିମାଣ ଓ ଖୋଲା ବଜାରର ଋଣ ଉଠାଣ ଇତ୍ୟାଦି ଉପରେ ନିଷ୍ପତ୍ତି ନେବାକୁ ଥିବାରୁ ଚଳିତ ବର୍ଷର ଯୋଜନା ବ୍ୟୟ ବରାଦ ଚୂଡ଼ାନ୍ତ କରିବା ସମ୍ଭବପର ହୋଇନଥିଲା । ତେଣୁ ଏପ୍ରିଲ, ୧୯୯୬ ଠାରୁ ଜୁଲାଇ, ୧୯୯୬ ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ଖର୍ଚ୍ଚ ସମ୍ପାଦନ ନିମନ୍ତେ ଏହି ଗୃହରେ ଏକ ଲେଖାନୁଦାନ ପ୍ରସ୍ତାବ ଗୃହୀତ ହୋଇଥିଲା । କିନ୍ତୁ ନୂତନ ସରକାର ଦାୟିତ୍ୱ ଗ୍ରହଣ କରି ସାରିବା ପରେ ଯୋଜନା କମିଶନ ଏପର୍ଯ୍ୟନ୍ତ ରାଜ୍ୟମାନଙ୍କ ସହିତ ଚଳିତ ବର୍ଷର ରାଜ୍ୟ ଯୋଜନାଗୁଡ଼ିକର ଆକାର କିପରି ହେବ ତାହା ଉପରେ ଆଲୋଚନା କରିନାହାନ୍ତି । ତେଣୁ ଗତ ନଭେମ୍ବର ମାସରେ ଯୋଜନା କମିଶନଙ୍କ ସହ ରାଜ୍ୟ

ଯୋଜନା ପାଇଁ ସ୍ୱାଭାବିକ କେନ୍ଦ୍ରୀୟ ସାହାଯ୍ୟ ଓ ଖୋଲା ବଜାରରୁ ଋଣ ଇତ୍ୟାଦି ବିଷୟରେ ଆଲୋଚନା ବେଳେ ଯେଉଁ ସୂଚନା ମିଳିଥିଲା ତାହାକୁ ଭିତ୍ତିକରି ଏବଂ ପ୍ରଶାସନିକ ବିଭାଗମାନଙ୍କ ସହ ଆଲୋଚନା କରି ବିଭିନ୍ନ ସୂତ୍ରରୁ ରାଜସ୍ୱ ଓ ସମ୍ବଳ ସଂଗ୍ରହ ପରିମାଣ ନିର୍ଦ୍ଧାରଣ କଲାପରେ ଚଳିତ ବର୍ଷ ପାଇଁ ଯୋଜନା ବ୍ୟୟ ବରାଦର ଏକ ଖସଡ଼ା କରାଯାଇଛି ଏବଂ ଏହି ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ ହୋଇଛି ।

୪. ଗତ ବର୍ଷ ୧୯୯୫-୯୬ର ପ୍ରାରମ୍ଭିକ ଅବଶେଷ ୨୦.୭୪କୋଟି ଟଙ୍କା ରଖାଯାଇଥିଲା । ଅଣଯୋଜନା ରାଜସ୍ୱ ଖର୍ଚ୍ଚ ବାଦ୍ ଦେଇ ବିଭିନ୍ନ ସୂତ୍ରରୁ ୧୬୦୪.୮୫ କୋଟି ଟଙ୍କାର ସମ୍ବଳ ସଂଗ୍ରହ କରାଯିବାର ଅଟକଳ କରାଯାଇଥିବା ସ୍ଥଳେ ରାଜ୍ୟ ଯୋଜନା ପାଇଁ ୧୬୫୦ କୋଟି ଟଙ୍କାର ବ୍ୟୟ ଅଟକଳ ହେବାରୁ ବର୍ଷ ଶେଷରେ ୪୫.୧୫ କୋଟି ଟଙ୍କା ନିଅଣ୍ଟ ହେବା କଥା, କିନ୍ତୁ ବର୍ଷର ପ୍ରାରମ୍ଭିକ ଅବଶେଷ ୨୦.୭୪ କୋଟି ଟଙ୍କା ବଳକା ଥିବାରୁ ବର୍ଷର ଅନ୍ତିମ ଅବଶେଷ ୨୪.୪୧ କୋଟି ଟଙ୍କା ନିଅଣ୍ଟ ହେବ ବୋଲି ଦର୍ଶାଯାଇଥିଲା । ବର୍ଷ ମଧ୍ୟରେ ଦୁଇଟି ଅତିରିକ୍ତ ବ୍ୟୟ ମଞ୍ଜୁରୀଜନିତ ଅଧିକ ବ୍ୟୟଭାର ଏବଂ ସମ୍ବଳ ସଂଗ୍ରହରେ ବିଭିନ୍ନ କ୍ଷେତ୍ରରେ ବାଧା ଉପୁଜିଥିବା ସତ୍ତ୍ୱେ ରାଜସ୍ୱ ଆଦାୟରେ ଉଲ୍ଲେଖନୀୟ ଉନ୍ନତି କରାଯାଇଥିବାରୁ ୧୯୯୫-୯୬ ଆର୍ଥିକ ବର୍ଷର ଅନ୍ତିମ ଅବଶେଷ ରୋକଡ଼ ଲେଖାରେ ୫.୨୧ କୋଟି ଟଙ୍କା ହୋଇଛି । ତେଣୁ ରିଜର୍ଭ ବ୍ୟାଙ୍କ୍‌ର ତଥ୍ୟକୁ ଭିତ୍ତିକରି ଏହି ୫.୨୧ କୋଟି ଟଙ୍କା ୧୯୯୬-୯୭ ବର୍ଷର ପ୍ରାରମ୍ଭିକ ଅବଶେଷ ହିସାବରେ ସୂଚିତ ହୋଇଛି ।

୫. ୧୯୯୬-୯୭ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳର ସାରାଂଶ ପରିଶିଷ୍ଟରେ ଦର୍ଶାଯାଇଅଛି । ଏହି ଅଟକଳ ଅନୁଯାୟୀ ସମୁଦାୟ ଆୟର ପରିମାଣ ୧୦,୩୮୫.୪୧ କୋଟି ଟଙ୍କା ଓ ସମୁଦାୟ ବ୍ୟୟର ପରିମାଣ ୧୦,୩୯୫.୦୯ କୋଟି ଟଙ୍କା ହେବ । ତନ୍ମଧ୍ୟରୁ ରାଜସ୍ୱ ହିସାବରେ (Revenue Account) ୪,୭୫୪.୧୮ କୋଟି ଟଙ୍କା ଆଦାୟ ଓ ୫,୫୪୦.୯୬ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି । ପୁଞ୍ଜି

ହିସାବରେ (Capital Account) ଆୟ ୨୨୭୧·୬୬ କୋଟି ଟଙ୍କା ଓ ବ୍ୟୟ ୧୮୪୯·୬୩ କୋଟି ଟଙ୍କା ହେବ । ବାକି ଆୟ ଓ ବ୍ୟୟ ପରିମାଣ ସରକାରୀ ହିସାବ (Public Account) ଏବଂ ଆକସ୍ମିକ ପାଣ୍ଠି (Contingency Fund) ର ଅନ୍ତର୍ଭୁକ୍ତ ।

୬. ବର୍ତ୍ତମାନ ମୁଁ ୧୯୯୬-୯୭ ଆର୍ଥିକ ବର୍ଷର ଅଣ ଯୋଜନା କ୍ଷେତ୍ରରେ ବରାଦ କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟର ଉଲ୍ଲେଖ କରୁଛି । ରାଜ୍ୟର ନିଜସ୍ୱ ଟିକସ ସୂତ୍ରରୁ ୧୪୩୩ କୋଟି ୬ ଲକ୍ଷ ଟଙ୍କା ଓ ଅଣଟିକସ ସୂତ୍ରରୁ ୫୯୭ କୋଟି ୮୬ ଲକ୍ଷ ଟଙ୍କା ଆୟ ହେବ ବୋଲି ଅଟକଳ କରାଯାଇଛି । ଗତବର୍ଷ ସଂଶୋଧିତ ଅଟକଳରେ ତଦନୁରୂପ ସୂତ୍ରରୁ ଯଥାକ୍ରମେ ୧୨୦୪ କୋଟି ୬୩ ଲକ୍ଷ ଓ ୫୯୮ କୋଟି ୯୦ ଲକ୍ଷ ଟଙ୍କା ଆଦାୟ କରାଯିବାର ଅଟକଳ କରାଯାଇଥିଲା । ଚଳିତ ବର୍ଷ ରାଜ୍ୟର ନିଜସ୍ୱ ଟିକସ କ୍ଷେତ୍ରରେ ଆୟ ୧୯ ପ୍ରତିଶତ ବୃଦ୍ଧିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ର ସରକାର ଆଦାୟ କରୁଥିବା ଆୟକର ଓ ଅବକାରୀ ଶୁଳ୍କର ଅଂଶ ବାବଦକୁ ୧୫୭୨ କୋଟି ୮୪ ଲକ୍ଷ ଟଙ୍କା ମିଳିବ । ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରୁ ୧୮୭ କୋଟି ଟଙ୍କା ଅନୁଦାନ ମଧ୍ୟ ମିଳିବ । ଏହିପରି ଭାବରେ ଅଣଯୋଜନା ରାଜସ୍ୱ ଆୟର ପରିମାଣ ଗତ ବର୍ଷର ସଂଶୋଧିତ ଅଟକଳ ୩୩୮୭ କୋଟି ୫୭ ଲକ୍ଷ ଟଙ୍କା ଥିବା ସ୍ଥଳେ, ଚଳିତ ବର୍ଷ ୩୭୯୦ କୋଟି ୭୬ ଲକ୍ଷ ଟଙ୍କା ହେବ ବୋଲି କଳନା କରାଯାଇଛି । ଅଣଯୋଜନା କ୍ଷେତ୍ରରେ ରାଜସ୍ୱ ବ୍ୟୟର ପରିମାଣ ଗତ ବର୍ଷ ସଂଶୋଧିତ ଅଟକଳରେ ୩୬୯୦ କୋଟି ୪୬ ଲକ୍ଷ ଟଙ୍କା ଥିବା ସ୍ଥଳେ ଚଳିତ ବର୍ଷ ବଜେଟରେ ତାହା ୩୯୩୮ କୋଟି ୪୭ ଲକ୍ଷ ଟଙ୍କା ହେବ । ଏହି ଖର୍ଚ୍ଚ ମଧ୍ୟରେ ସୁଧ ବାବଦକୁ ୧୦୮୪ କୋଟି ୮୯ ଲକ୍ଷ ଟଙ୍କା, ବେତନ ଅନୁଦାନ ସହ ବେତନ ଓ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ୨୨୪୮ କୋଟି ୧୫ ଲକ୍ଷ ଟଙ୍କା, ଅବସରକାଳୀନ ପେନ୍‌ସନ୍ ସହ ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ମିଶାଇ ୨୯୮ କୋଟି ୯୨ ଲକ୍ଷ ଟଙ୍କା ଏବଂ ଅବଶିଷ୍ଟ ୩୦୬ କୋଟି ୫୧ ଲକ୍ଷ ଟଙ୍କା ଅନ୍ୟାନ୍ୟ ଅଣଯୋଜନା ଖର୍ଚ୍ଚ ନିମିତ୍ତ ଉଦ୍ଦିଷ୍ଟ ।

୭. ଅଣଯୋଜନା ପୁଞ୍ଜି ହିସାବକୁ ଅନୁଧ୍ୟାନ କଲେ ମାନ୍ୟବର ସଭ୍ୟମାନେ ଦେଖିପାରିବେ ଯେ ଆୟ କ୍ଷେତ୍ରରେ ୮୩୭ କୋଟି ୭୫ ଲକ୍ଷ ଟଙ୍କା ଦର୍ଶାଯାଇଥିବା ସ୍ଥଳେ ବ୍ୟୟ ନିମିତ୍ତ ୭୬୫ କୋଟି ୨୬ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ଦୈନନ୍ଦିନ ସାଧନୋପାୟ ଅଗ୍ରୀମ (Ways & Means Advance) ଆହରଣ ଓ ପରିଶୋଧ ଏହି ଆୟ ବ୍ୟୟର ଅନ୍ତର୍ଭୁକ୍ତ । ଚଳିତ ବର୍ଷ ମୂଳ ବାବଦକୁ କେନ୍ଦ୍ର ସରକାରଙ୍କୁ ତଥା ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ଅନୁଷ୍ଠାନମାନଙ୍କୁ ୨୦୦ କୋଟି ୧୬ ଲକ୍ଷ ଟଙ୍କା ଋଣ ପରିଶୋଧ କରାଯିବ ।

୮. ବର୍ତ୍ତମାନ ମୁଁ ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ଯୋଜନା ଅଟକଳର ଏକ ବିବରଣୀ ଦେଉଛି । ଲେଖାନୁଦାନରେ ରାଜ୍ୟ ଯୋଜନା ପାଇଁ ୧୩୭୮ କୋଟି ୨୪ ଲକ୍ଷ ଟଙ୍କାର ସମ୍ବଳ ସଂଗ୍ରହର ଅଟକଳ କରାଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରଶାସନିକ ବିଭାଗମାନଙ୍କ ସହ ଆଲୋଚନା କରାଯାଇ ବିଭିନ୍ନ ସୂତ୍ରରୁ ସମ୍ବଳ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ମୁଁ ଆଗରୁ ସୂଚାଇ ଦେଇଛି ଯେ ଗତ ନଭେମ୍ବର ମାସରେ ଯୋଜନା କମିଶନଙ୍କ ସହିତ ଆଲୋଚନା ପରେ ରାଜ୍ୟ ଯୋଜନା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ସାହାଯ୍ୟ ଓ ଖୋଲା ବଜାରରୁ ଋଣ ଇତ୍ୟାଦି ବିଷୟରେ ଯେଉଁ ସୂଚନା ମିଳିଥିଲା ତାହା ହିସାବକୁ ନିଆଯାଇ ରାଜ୍ୟ ଯୋଜନାର ବୃତାନ୍ତ ରୂପରେଖ କରାଯାଇଛି । ସେହି ଅନୁସାରେ ଚଳିତ ବର୍ଷର ରାଜ୍ୟ ଯୋଜନା ନିମନ୍ତେ ୨୧୯୭ କୋଟି ୧୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ତନ୍ମଧ୍ୟରୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଓ ଗ୍ରୀଡ୍ କର୍ପୋରେସନ୍ ସେମାନଙ୍କ ଆଭ୍ୟନ୍ତରୀଣ ସୂତ୍ରରୁ ୧୨୦ କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରିବେ ଏବଂ ରାଜ୍ୟ ସରକାରଙ୍କ ଯୋଜନା ନିମନ୍ତେ ୨୦୭୭ କୋଟି ୧୬ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ର ସରକାର ୪୩୬ କୋଟି ୩୪ ଲକ୍ଷ ଟଙ୍କାର ସାହାଯ୍ୟ ଦେବେ । ବୈଦେଶିକ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ନିମିତ୍ତ ୫୦୦ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ମିଳିବ ବୋଲି ଅଟକଳ କରାଯାଇଛି । ଭବିଷ୍ୟନିଧି ପାଣ୍ଠିରୁ ଉଦ୍‌ବୃତ୍ତ ନିଟ୍ ୩୨୦ କୋଟି ଟଙ୍କା ଯୋଜନା ଖର୍ଚ୍ଚରେ ବ୍ୟବହୃତ ହେବ । ଯୋଜନା ଖର୍ଚ୍ଚ ତୁଲାଇବା ନିମିତ୍ତ ଖୋଲାବଜାରରୁ ୩୪୪ କୋଟି ୭ ଲକ୍ଷ ଟଙ୍କା, ସ୍ୱଳ୍ପ ସଞ୍ଚୟ ଯୋଜନାରୁ

୨୫୦ କୋଟି ଟଙ୍କା ଏବଂ ଆପୋଷ ଚୁକ୍ତି ଆବଦ୍ଧ ମାଧ୍ୟମରେ ୧୨୮ କୋଟି ୬୩ ଲକ୍ଷ ଟଙ୍କା ଋଣ କରିବାକୁ ପଡିବ । ଦଶମ ଅର୍ଥ କମିଶନ ସୁପାରିଶ କରିଥିବା ବିଭିନ୍ନ କ୍ଷେତ୍ରରେ ଶାସନର ମାନ ଉନ୍ନତି ନିମନ୍ତେ କେନ୍ଦ୍ରରୁ ୮୨ କୋଟି ୫୯ ଲକ୍ଷ ଟଙ୍କାର ଅନୁଦାନ ମିଳିବ । ଅତିରିକ୍ତ ସମ୍ବଳର ଆବଶ୍ୟକତା ଦୃଷ୍ଟିରୁ ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (OPGC) ର ଅଂଶଧନ ବିକ୍ରିକରି ୩୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହିପରି ଭାବରେ ସରକାରୀସ୍ତରରେ ରାଜ୍ୟ ଯୋଜନା ପାଇଁ ୨୦୬୭ କୋଟି ୪୮ ଲକ୍ଷ ଟଙ୍କାର ସମ୍ବଳ ସଂଗ୍ରହ କରାଯାଇ ପାରିବ । ସମ୍ବଳ ସଂଗ୍ରହର ପରିମାଣ ଅପେକ୍ଷା ଯୋଜନା ବ୍ୟୟ ବରାଦର ପରିମାଣ ଅଧିକ ହେତୁ ୯ କୋଟି ୬୮ ଲକ୍ଷ ଟଙ୍କାର ନିଅଣ୍ଟ ହେବା କଥା, କିନ୍ତୁ ବର୍ଷର ପ୍ରାରମ୍ଭିକ ଅବଶେଷ ୫ କୋଟି ୨୧ ଲକ୍ଷ ଟଙ୍କାର ନିଅଣ୍ଟ ଥିବାରୁ ୧୯୯୬-୯୭ ବର୍ଷର ଅନ୍ତିମ ଅବଶେଷ ୧୪ କୋଟି ୮୯ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଉଛି ।

୯. ଉପରୋକ୍ତ ରାଜ୍ୟ ଯୋଜନା ବ୍ୟୟ ବରାଦ ବ୍ୟତୀତ ଆଦିବାସୀ ବହୁଳ ଅଞ୍ଚଳର ଉନ୍ନତି ନିମିତ୍ତ ମିଳୁଥିବା ୭୦ କୋଟି ୮୮ ଲକ୍ଷ ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଏବଂ କର୍ମଚାରୀ ବୀମା ଓ ୟୁନିସେଫ୍‌ରୁ ମିଳୁଥିବା ୪ କୋଟି ଟଙ୍କାର ଆର୍ଥିକ ସାହାଯ୍ୟ ବିନିଯୋଗ ନିମିତ୍ତ ରାଜ୍ୟ ଯୋଜନା ବଜେଟ୍‌ରେ ମଧ୍ୟ ଉପଯୁକ୍ତ ବ୍ୟୟ ବରାଦ କରାଯାଇଛି ।

୧୦. କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ ଯଥାକ୍ରମେ ୩୪୯ କୋଟି ୮ ଲକ୍ଷ ଟଙ୍କା ଓ ୧୮୫ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିପାଇଁ ସମସ୍ତ ଅର୍ଥ ଅନୁଦାନ ବା ଋଣ ଆକାରରେ ମିଳିବ ।

୧୧. ମୁଁ ବର୍ତ୍ତମାନ ୧୯୯୬-୯୭ ବାର୍ଷିକ ଯୋଜନାର କେତେକ ପ୍ରଧାନ ଅଂଶ ଉପରେ ଆଲୋକପାତ କରିବାକୁ ଯାଉଛି ।

ରାଜ୍ୟର ଅର୍ଥ ନୈତିକ ଦୃଶ୍ୟପଟରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଅଛି । ଗ୍ରାମୀଣ କର୍ମ ନିଯୁକ୍ତି କ୍ଷେତ୍ରରେ କୃଷିର ଅବଦାନ ୭୫ ପ୍ରତିଶତ

ହୋଇଥିବା ସ୍ଥଳେ ରାଜ୍ୟର ଘରୋଇ ଉତ୍ପାଦନର ୪୦ ପ୍ରତିଶତ କୃଷିରୁ ହିଁ ମିଳିଥାଏ । ଆମ ରାଜ୍ୟର ମୃତ୍ତିକା, ବୃଷ୍ଟିପାତ ଏବଂ ଜଳବାୟୁ ଚାଷପାଇଁ ଅତ୍ୟନ୍ତ ଉପଯୁକ୍ତ ହୋଇଥିଲେ ହେଁ ଏହାର ପୂର୍ଣ୍ଣ ଉପଯୋଗ ଏ ପର୍ଯ୍ୟନ୍ତ କରାଯାଇନାହିଁ । ମାନ୍ୟବର ସଭ୍ୟମାନେ ମୋ ସହିତ ଏକମତ ହେବେ ଯେ, ଓଡ଼ିଶାର ଅର୍ଥନୈତିକ ବିକାଶ ଲାଗି କୃଷିକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଚଳିତ ବର୍ଷ ସରକାରଙ୍କର ଏକ ବିଶେଷ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହେଲା, ନୂତନ କୃଷିନୀତି ଅନୁଯାୟୀ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ । ଶିଳ୍ପ ଭଳି କୃଷି କ୍ଷେତ୍ରରେ ଉଦ୍ୟୋଗୀକରଣ ପାଇଁ 'ଏପିକଲ' ନାମକ ଏକ ସଂସ୍ଥା ଗଠନ କରାଯାଇଛି । ବ୍ୟାଙ୍କ୍ ଭିତ୍ତିକ କୃଷି ଯୋଜନା ପ୍ରସ୍ତୁତି, ଉଦ୍ୟୋଗୀ ଚିହ୍ନଟ, ନୂତନ ଉଦ୍ୟୋଗ ପାଇଁ ଆଂଶିକ ପ୍ରୋତ୍ସାହନ ଆଦିର ବ୍ୟବସ୍ଥା, ଖାଦ୍ୟ ପ୍ରକ୍ରିୟାକରଣ ଏବଂ କୃଷିଜାତ ଦ୍ରବ୍ୟ ରପ୍ତାନୀର ସୁଯୋଗ ସୃଷ୍ଟି କରିବା ଏହି ସଂସ୍ଥାର କାର୍ଯ୍ୟ ହେବ । କୃଷିକୁ ଅଗ୍ରାଧିକାର ଦେବା ପାଇଁ ପ୍ରଥମଥର ପାଇଁ ରାଜ୍ୟର କୃଷି ନୀତି ପ୍ରଣୟନ କରାଯାଇଛି । ଏହା କୃଷି ବିକାଶ କ୍ଷେତ୍ରରେ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ଆଶା କରାଯାଏ । ଏହି ନୀତିର ମୂଳ ଲକ୍ଷ୍ୟ ହେଲା, ଶସ୍ୟ ଓ ଫଳଚାଷ ଜାତୀୟ ଫସଲ ଉତ୍ପାଦନକୁ ଦ୍ୱିଗୁଣିତ କରିବା, ଚାଷକୁ କେବଳ ଜୀବନ ନିର୍ବାହର ପାରମ୍ପରିକ ପନ୍ଥା ହିସାବରେ ଗ୍ରହଣ ନ କରି ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା, ଯେପରି ଉଦୀୟମାନ ଯୁବ ସମ୍ପ୍ରଦାୟ କୃଷିକୁ ଆତ୍ମନିଯୁକ୍ତିର ଏକ ସମ୍ମାନଜନକ ପନ୍ଥା ରୂପେ ଗ୍ରହଣ କରିବେ ଏବଂ ସର୍ବୋଚ୍ଚ ଭାବେ କୃଷିକୁ ଦାରିଦ୍ର୍ୟ ଦୂରୀକରଣର ଏକ ମୁଖ୍ୟ ପନ୍ଥା ଭାବରେ ଗ୍ରହଣ କରାଯିବ । ଉପଯୁକ୍ତ ଲକ୍ଷ୍ୟ ସାଧନ ଦିଗରେ ଯେଉଁସବୁ ସରକାରୀ ପଦକ୍ଷେପ ନିଆଯିବ ସେଗୁଡିକ ହେଲା, ଉନ୍ନତ ଅମଳକ୍ଷମ ବିହନ ଯୋଗାଣ, ରାସାୟନିକ ଓ ଜୈବିକ ସାର ପ୍ରୟୋଗର ବୃଦ୍ଧି, କୃଷି ଯନ୍ତ୍ରପାତିର ଅଧିକ ବ୍ୟବହାର, ବିଭିନ୍ନ ଅର୍ଥକରୀ ଫସଲର ପ୍ରସାର ନିମନ୍ତେ ସମସ୍ତ ପ୍ରୋତ୍ସାହନ, ସମସ୍ୟାମୂଳକ ଜମିର ଉଦ୍ଧାର, କୃଷି ସମ୍ପ୍ରସାରଣ, ଅର୍ଥଲଗାଣ, କ୍ରୟ-ବିକ୍ରୟରେ ସାହାଯ୍ୟ, ଜଳସେଚନ ଓ ଫସଲ ବୀମାର ପ୍ରଚଳନ । ଚଳିତ ବର୍ଷରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତି ଯଥା— ଛୋଟ ଟ୍ରାକ୍ଟର, ଶକ୍ତି ଚାଳିତ ଲଙ୍ଗଳ, ବିହନ ବୁଣା ଯନ୍ତ୍ର, ଧାନ ଅମଳ ଯନ୍ତ୍ର, ଧାତବ କୋଠି ଓ ହସ୍ତ ଚାଳିତ ପାଣି ପମ୍ପ ଆଦି ବହୁଳ ଭାବେ ଚାଷୀମାନଙ୍କୁ

ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରାୟ ୧୩ କୋଟି ଟଙ୍କା ମୂଲ୍ୟର ୧ ଲକ୍ଷ ୨୬ ହଜାର ସଂଖ୍ୟାର ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଶକ୍ତି ଚାଳିତ କୃଷି ଯନ୍ତ୍ର ଉପରେ ୫୦ ପ୍ରତିଶତ ରିହାତି ଦେବାପାଇଁ ବ୍ୟବସ୍ଥା ରହିଛି । ୧୦ ପ୍ରତିଶତ ରିହାତି ମୂଲ୍ୟରେ ଚାଷୀମାନଙ୍କୁ Power Tiller ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି । ତଦନୁସାରେ କୃଷି ବିଭାଗ ନିମିତ୍ତ ୧୯୯୫-୯୬ର ସଂଶୋଧିତ ଯୋଜନା ବ୍ୟୟ ଅଟକଳ ୫୦.୬୯ କୋଟି ଟଙ୍କା ହୋଇଥିବା ସ୍ଥଳେ ୧୯୯୬-୯୭ ରେ ତାହା ୬୯.୭୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୩୮ ପ୍ରତିଶତ ଅଧିକ । ଏହା ମଧ୍ୟରେ ୧୮ କୋଟି ଟଙ୍କାର ବହିଃସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅନ୍ତର୍ଭୁକ୍ତ । ୧୯୯୬-୯୭ ମସିହାରେ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ଅନୁଦାନରେ ରାଜ୍ୟର ବିଭିନ୍ନ ମାଳଅଞ୍ଚଳରେ ସମନ୍ୱିତ ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହାଦ୍ୱାରା ମୃତ୍ତିକାର ଅବକ୍ଷୟକୁ ରୋକାଯାଇ ଉର୍ବରତା, ଆର୍ଦ୍ରତା ଓ ଉତ୍ପାଦିକା ଶକ୍ତିର ସଂରକ୍ଷଣ କରାଯାଇ ପାରିବ । ୧୯୯୫-୯୬ ଆର୍ଥିକ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନର ପରିମାଣ ୭୯.୧୭ ଲକ୍ଷ ଟନ୍ ହେବବୋଲି ଲକ୍ଷ୍ୟଥିବା ସ୍ଥଳେ, ଚଳିତ ବର୍ଷରେ ତାହାକୁ ୧୦୪.୫୬ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କୃଷି ସହିତ ବିଭିନ୍ନ ଉଦ୍ୟାନ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦେବାପାଇଁ ସ୍ଥିର ହୋଇଛି । ୧୯୯୫-୯୬ ବର୍ଷରେ ୨୩ ହଜାର ୮୦୫ ହେକ୍ଟର୍ ଜମିରେ ଫଳ ଚାଷ କରାଯାଇଥିବା ସ୍ଥଳେ ଚଳିତ ବର୍ଷରେ ୩୬ ହଜାର ୩୦୦ ହେକ୍ଟର୍ ଜମିରେ ବିଭିନ୍ନ ପ୍ରକାରର ଫଳଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଦା, ହଳଦୀ, ଲଙ୍କା, ପିଆଜ ଆଦି ବିଭିନ୍ନ ମସଲା ଚାଷର ଉନ୍ନତି ପାଇଁ ତିନି କୋଟି ଦଶ ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚଳିତ ବର୍ଷ ଠାରୁ ଆରମ୍ଭ ହୋଇଛି । ଏହା ୬,୫୦୦ ଜଣ ଆଦିବାସୀ ଓ ହରିଜନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରି ପାରିବା ସହ ସାତ ଲକ୍ଷ କର୍ମଦିବସ ସୃଷ୍ଟି କରିପାରିବ ।

୧୨. ଆମ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ଶତକଡ଼ା ୫୦ ଭାଗ ଚାଷ ଜମିକୁ ଜଳସେଚନକ୍ଷମ କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପରିକର ।

ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ ସମୁଦାୟ ୪୫୨ କୋଟି ୫୮ ଲକ୍ଷ ଟଙ୍କା ରଖାଯାଇଛି । ତନ୍ମଧ୍ୟରୁ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ନିମନ୍ତେ ୩୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଖରିଫ୍‌ରେ ୩୫୨୪୦ ହେକ୍ଟର ଓ ରବିରେ ୮୯୦୦ ହେକ୍ଟର ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ପୋଟେରୁ ଜଳସେଚନ ପ୍ରକଳ୍ପ ନିମନ୍ତେ ୩୧ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଖରିଫ୍‌ରେ ୧୦ ହଜାର ହେକ୍ଟର୍ ଜମି ଜଳସେଚନକ୍ଷମ ହେବ ବୋଲି ଆଶା କରାଯାଉଅଛି । ବର୍ତ୍ତମାନ ଓ.ଇ.ସି.ଏଫ୍. ସହାୟତାରେ ଅପର୍ ଇନ୍ଦ୍ରାବତୀ ଜଳସେଚନ ଯୋଜନା ଓ ଅପର୍ କୋଲାବ୍ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ଏ ଦୁଇଟି ପ୍ରକଳ୍ପ ପାଇଁ ଚଳିତ ବର୍ଷ ବଜେଟ୍‌ରେ ଯଥାକ୍ରମେ ୩୦ କୋଟି ଟଙ୍କା ଓ ୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ସେହିପରି ବିଶ୍ୱବ୍ୟାଙ୍କ୍ ସହାୟତାରେ ବନ୍ଧ ନିରାପତ୍ତା ଭରସା ପରି ଯୋଜନା (ଡି.ଏସ୍.ଏ.ଆର୍.ପି.) ଓ କେନ୍ଦ୍ରୀୟ ଯୋଜନା ସଂସ୍ଥା Central Planning Unit କାର୍ଯ୍ୟକାରୀ ହେଉଛି । ସେଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ଯଥାକ୍ରମେ ୩୦ କୋଟି ଟଙ୍କା ଓ ୨ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ଓଡିଶା ଜଳ ସମ୍ପଦ ଏକୀକରଣ ଯୋଜନାରେ (Water Resources Consolidation Project) ରେଙ୍ଗାଲି, ନରାଜ ବ୍ୟାରେଜ୍, ମହାନଦୀ ଓ ଚିତ୍ରୋପଳା ଦ୍ୱୀପାଞ୍ଚଳ ସେଚ ଯୋଜନା, ବଡନଳା, ହରିହର ଯୋର, ହରଭଙ୍ଗୀ, ଅପରଜଂଙ୍କ, ବାଘୁଆ (ଦ୍ୱିତୀୟ ପର୍ଯ୍ୟାୟ) କୁ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟକାରୀ କରାଯାଇଛି । ଏ ସବୁଗୁଡିକ ନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ ୧୦୭ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସୁବର୍ଣ୍ଣରେଖା ସେଚ ପ୍ରକଳ୍ପ ନିମନ୍ତେ ଚଳିତ ବର୍ଷ ୩୬ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଛି । ଏହି ପ୍ରସଙ୍ଗରେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ସୂଚନା ଦେବାକୁ ଚାହେଁ ଯେ, ସୁବର୍ଣ୍ଣରେଖା ସେଚ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଓ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ନିମନ୍ତେ ବୈଦେଶିକ ସହାୟତା ପାଇଁ ନିଷ୍ଠାପର ଉଦ୍ୟମ କରାଯାଉଛି । ମଧ୍ୟମ ଜଳ ସେଚନ ଯୋଜନାଗୁଡିକ ମଧ୍ୟରେ ବିରୂପା ଗେଙ୍ଗୁଟି ଦ୍ୱୀପାଞ୍ଚଳ

ଜଳସେଚନ ଯୋଜନା, ଦେଓ, ବାଘଲଟି, ସାପୁଆ, ବଡଯୋର, ମନଯୋର, ଟିଟିଲାଗଡ, ରୁକୁରା, ତେଲେଙ୍ଗିରି ଓ ବାଘ୍ ବ୍ୟାରେଜ କାର୍ଯ୍ୟକାରୀ ହେଉଅଛି । ଏହି ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକ ନିମନ୍ତେ ଚଳିତ ବର୍ଷ ୨୪ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ୪୪ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଚଳିତ ବର୍ଷରେ ୭୪୧୦ ହେକ୍ଟର୍ ଖରିଫ୍ ଓ ୧୫୯୨ ହେକ୍ଟର୍ ରବି ଜମିରେ ଅତିରିକ୍ତ ଜଳ ସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିବ । ବୈଜ୍ଞାନିକ ପଦ୍ଧତିରେ ଭୂତଳ ଜଳ ସମ୍ପଦ ନିର୍ଦ୍ଧାରଣ କରିବା ପାଇଁ ୧୪ କୋଟି ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଜଳ ବିଜ୍ଞାନ ପ୍ରକଳ୍ପ ନାମରେ ଏକ ନୂତନ ପରିଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୨ କୋଟି ଟଙ୍କା ଖର୍ଚ୍ଚ ହେବ । ନୂତନ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ ପାଇଁ ମଧ୍ୟ ୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚଳିତ ବର୍ଷରେ ଏକ ହଜାରଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଗୁଡିକ ଦ୍ବାରା ଖରିଫ୍ ଋତୁରେ ୨୭ ହଜାର ଓ ରବି ଋତୁରେ ୧୬ ହଜାର ହେକ୍ଟର୍ ଅଧିକ ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପାରିବ । ଉକ୍ତ ଏକ ହଜାରଟି ପ୍ରକଳ୍ପ ମଧ୍ୟରେ କେ.ଏଫ୍.ଡବ୍ଲ୍ୟୁ (ଜର୍ମାନୀ) ସହାୟତାରେ ନିର୍ମିତ ହେବାକୁ ଥିବା ୨୦୦ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ୨୦୦ଟି ପ୍ରକଳ୍ପ ପାଇଁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

୧୩. ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବିଭାଗ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏଥି ନିମିତ୍ତ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ପ୍ରତିଶ୍ରୁତି ଓ ବିଭିନ୍ନ ଆତ୍ମନିଯୁକ୍ତି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ରାଜ୍ୟ ସରକାରଙ୍କର ଆନୁପାତିକ ଅଂଶ ବାବଦରେ ଯୋଜନା ବ୍ୟୟ ଅଟକଳରେ ୧୩୫ କୋଟି ୮୫ ଲକ୍ଷ ଟଙ୍କା ଚଳିତ ଆର୍ଥିକ ବର୍ଷରେ ଅନ୍ତର୍ଭୁକ୍ତ କରାଯାଇଛି । ଏତଦ୍‌ବ୍ୟତୀତ ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପ୍ରାପ୍ତ ୫୦ କୋଟି

୨୫ ଲକ୍ଷ ଟଙ୍କା ଚଳିତ ବର୍ଷ ପଞ୍ଚାୟତମାନଙ୍କୁ ଅନୁଦାନ ଆକାରରେ ଦେବାପାଇଁ ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଛି ।

୧୪. ଆଜିର ଶିଶୁ କାଲିର ନାଗରିକ ଏବଂ ସମାଜର ମେରୁଦଣ୍ଡ । ଏଣୁ ଶିଶୁର କ୍ରମବର୍ଦ୍ଧିଷ୍ଣୁ ବିକାଶକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇ.ସି.ଡି.ଏସ୍.)ର ଭୂମିକା ଅପରିହାର୍ଯ୍ୟ । ଏହି ପ୍ରକଳ୍ପ ଉଭୟ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ଅଂଶ ବିଶେଷ । କେନ୍ଦ୍ରୀୟ ଯୋଜନାରେ ଏହା ପାଇଁ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରନ୍ତି ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର କେନ୍ଦ୍ର ସରକାରଙ୍କର ଆନୁପାତିକ ଅଂଶ ନିମନ୍ତେ ବିଶ୍ୱ ବ୍ୟାଙ୍କ୍ ଆର୍ଥିକ ସହାୟତା କରନ୍ତି । ସମାଜର ଦୁର୍ବଳ ଶ୍ରେଣୀର ମା' ଏବଂ ୬ ବର୍ଷ ବୟସରୁ କମ୍ ଶିଶୁମାନଙ୍କର ପୁଷ୍ଟିହୀନତା କମାଇବା, ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଇବା, ଶିଶୁ ଏବଂ ମା'ମାନଙ୍କର ମୃତ୍ୟୁହାର କମାଇବା, ସେମାନଙ୍କ ସ୍ୱାସ୍ଥ୍ୟ ସେବା ତଥା ପ୍ରତିଷେଧକ ବ୍ୟବସ୍ଥା ତଥା ଉନ୍ନତ ଚିକିତ୍ସା ବ୍ୟବସ୍ଥା ଏବଂ ଶିଶୁମାନଙ୍କର ମାନସିକ ବିକାଶ ନିମନ୍ତେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଉପରୋକ୍ତ ସେବାଗୁଡିକ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ହିତାଧିକାରୀମାନଙ୍କ ଗ୍ରାମରେ ଯୋଗାଇ ଦିଆଯାଇଛି । ୧୯୯୫-୯୬ ଆର୍ଥିକ ବର୍ଷରେ ରାଜ୍ୟରେ ୨୨୯ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା । ସେଥିରୁ ଆଦିବାସୀ ଅଞ୍ଚଳରେ ୧୧୮ଟି, ଗ୍ରାମାଞ୍ଚଳରେ ୧୦୫ଟି ଏବଂ ସହରାଞ୍ଚଳରେ ୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ୧୯୯୫-୯୬ ମସିହାରେ ବିଶ୍ୱ ବ୍ୟାଙ୍କ୍ ପ୍ରକଳ୍ପ ନିମନ୍ତେ ୩୨ କୋଟି ୬୩ ଲକ୍ଷ ଟଙ୍କା ଏବଂ କେନ୍ଦ୍ରୀୟ ପ୍ରକଳ୍ପ ନିମନ୍ତେ ୧୨ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଚଳିତ ବର୍ଷ ୯୧ଟି ବ୍ଲକ୍‌ସ୍ତରରେ ଏବଂ ୬ଟି ସହରାଞ୍ଚଳରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ୭ କୋଟି ୪୨ ଲକ୍ଷ ଟଙ୍କା କେନ୍ଦ୍ରୀୟ ଯୋଜନାରେ ବ୍ୟୟ ବରାଦ ହୋଇଛି । ଏହା ଫଳରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍ ଏବଂ ୧୨ଟି ସହରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଚଳିତ ଆର୍ଥିକ ବର୍ଷରେ ବିଶ୍ୱ ବ୍ୟାଙ୍କ୍ ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ୧୯୧ଟି ପ୍ରକଳ୍ପ ପାଇଁ ୬୩ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟ

ବରାଦ କରାଯାଇଛି । କେନ୍ଦ୍ରୀୟ ଯୋଜନାରେ ୩୮ଟି ପ୍ରକଳ୍ପ ପାଇଁ ଏବଂ ଚଳିତ ବର୍ଷ ଖୋଲାଯାଇଥିବା ୯୭ଟି ନୂଆ ପ୍ରକଳ୍ପ ପାଇଁ ୨୫ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ଆର୍ଥିକ ସହାୟତାରେ ଇନ୍ଦିରା ମହିଳା ବିକାଶ ଯୋଜନା ନାମରେ ଏକ ନୂତନ କେନ୍ଦ୍ରୀୟ ଯୋଜନା ଚଳିତ ବର୍ଷ କାର୍ଯ୍ୟକାରୀ କରାଯାଉଛି । ଉକ୍ତ ଯୋଜନା ଅନୁଯାୟୀ ସେହି ମହିଳାମାନଙ୍କର ଆତ୍ମନିଯୁକ୍ତି ଓ ସେମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ୭୫ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କେନ୍ଦ୍ରୀୟ ଯୋଜନାରେ ଅନ୍ତର୍ଭୁକ୍ତ ।

୧୫. ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଛାତ୍ରଛାତ୍ରୀମାନଙ୍କର ଶାରିରୀକ, ମାନସିକ ବିକାଶ ଏବଂ ତଫସିଲଭୁକ୍ତ ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ଓ ରୋଜଗାରକ୍ଷମ କରିବା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍.ସି.ଏ. ଏବଂ ଏସ୍.ସି.ପି.) ଯୋଜନା ମାଧ୍ୟମରେ ପର୍ଯ୍ୟାପ୍ତ ଅର୍ଥ, ୯୪ କୋଟି ୮୮ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କଠାରୁ ଅନୁଦାନ ଆକାରରେ ମିଳିବାର ଆକଳନ କରାଯାଇଛି । ଏତଦ୍‌ବ୍ୟତୀତ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି ଓ ଅନ୍ୟାନ୍ୟ ଅନୁନ୍ନତବର୍ଗଙ୍କର ସାମୂହିକ ଉନ୍ନତି ପାଇଁ ରାଜ୍ୟ ଯୋଜନାରେ ୫୦ କୋଟି ୨୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

୧୬. ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ ସରକାରଙ୍କର ଏକ ମୌଳିକ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ୧ କୋଟି ୧୫ ଲକ୍ଷ ଟଙ୍କା ଚଳିତ ବର୍ଷ ଯୋଜନା ଅଟକଳରେ ଅନ୍ତର୍ଭୁକ୍ତ କରାଯାଇ ୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୮ଟି ଆୟୁର୍ବେଦ ଏବଂ ୧୮ଟି ହୋମିଓପାଥି ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନର ଲକ୍ଷ୍ୟ ରଖାଯାଇଛି ।

୧୭. ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଭାବେ ପ୍ରବର୍ତ୍ତିତ ପ୍ରାଥମିକ ଶିକ୍ଷା ପ୍ରକଳ୍ପ (ଡି.ପି.ଇ.ପି.) ଚଳିତ ବର୍ଷଠାରୁ ରାଜ୍ୟର ୫ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଯୋଜନା କାର୍ଯ୍ୟକାରୀତାର ଫଳ ସ୍ୱରୂପ ଅତିରିକ୍ତ ୧.୬ ଲକ୍ଷ ଶିଶୁଙ୍କ ଶିକ୍ଷା କ୍ଷେତ୍ରରେ ଯୋଗଦାନ, ୫.୬

ଲକ୍ଷ ଶିଶୁଙ୍କ ପୂର୍ଣ୍ଣ ପ୍ରାଥମିକ ଶିକ୍ଷା ସମାପନ ଓ ଛାତ୍ର ଅନୁପସ୍ଥିତି ହ୍ରାସ ସହିତ ୯.୪ ଲକ୍ଷ ଶିଶୁଙ୍କର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ସାଧିତ ହୋଇ ପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଯୋଜନାର ପାଞ୍ଚବର୍ଷ ଅବଧିରେ ଏକ ଶହ ୪୬ କୋଟି ୪୯ ଲକ୍ଷ ଟଙ୍କା ଖର୍ଚ୍ଚ ନିମିତ୍ତ ଅଟକଳ କରାଯାଇଛି । ରାଜ୍ୟ ସରକାର ଏହି ଖର୍ଚ୍ଚର ୧୫ ଶତାଂଶ ବହନ କରିବେ । ତଦନୁଯାୟୀ ରାଜ୍ୟ ଯୋଜନାରେ ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନ୍ୟ ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅନୁଯାୟୀ ରାଜ୍ୟରେ ୪ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନୂତନ ଭାବେ ଆଠ ହଜାର ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର କେବଳ ବାଳିକାମାନଙ୍କ ପାଇଁ ଖୋଲିବାର ବ୍ୟବସ୍ଥା ଅଛି । ସର୍ବୋପରି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ଅନୁଷ୍ଠାନଗୁଡିକରେ ଅଧିକ ଆନୁଷଙ୍ଗିକ ସୁବିଧାସୁଯୋଗ ସୃଷ୍ଟି, ବାଳିକାମାନଙ୍କର ଶିକ୍ଷାର ଉନ୍ନତି କଳ୍ପେ ଦଶମ ଅର୍ଥ କମିଶନ୍ ସୂତ୍ରରୁ ୧୩ କୋଟି ୪୮ ଲକ୍ଷ ଟଙ୍କାର ଲବ୍ଧ ଅର୍ଥ ସହାୟକ ହେବ । ଉପରୋକ୍ତ ଅର୍ଥରୁ ବାଳିକାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା–ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ବାଳିକାମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ସକାଶେ ୧ କୋଟି ୬୮ ଲକ୍ଷ ଟଙ୍କା ଏବଂ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମିତ୍ତ ୧୦ କୋଟି ୬୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଉଚ୍ଚ ଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶାସନିକ ବିକେନ୍ଦ୍ରୀକରଣ ଉଦ୍ଦେଶ୍ୟରେ ଆଞ୍ଚଳିକ ସ୍ତରରେ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟରେ ଚଳିତ ବର୍ଷ ତିନୋଟି ନୂତନ ଶିକ୍ଷା ନିର୍ଦ୍ଦେଶାଳୟ ସ୍ଥାପିତ ହେବ । ସର୍ବୋପରି ରାଜ୍ୟର ଶିକ୍ଷା ଅନଗ୍ରସର ଜିଲ୍ଲାରେ ଯେଉଁଠାରେ ସରକାରୀ ମହାବିଦ୍ୟାଳୟ ସ୍ତରରେ ବିଜ୍ଞାନ ଶିକ୍ଷାର ସୁବିଧା ନାହିଁ ଏପରି ଦୁଇଟି ଜିଲ୍ଲାରେ ୨ଟି ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ ନିମନ୍ତେ ଚଳିତ ବର୍ଷ ରାଜ୍ୟ ଯୋଜନାରେ ୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୧୮. ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ଆମ ସରକାରଙ୍କର ଆଉ ଏକ ମୁଖ୍ୟ କାର୍ଯ୍ୟକ୍ରମ । ୧୯୯୬-୯୭ ଆର୍ଥିକ ବର୍ଷରେ ୪,୨୭୫ଟି ନୂତନ ନଳକୂପ

ଓ ୨୧୫ଟି ପରିମଳ କୂପ ପ୍ରତିଷ୍ଠା କରାଯିବା ସହିତ ୨୫୦ଟି ସମ୍ପୂର୍ଣ୍ଣ ଅଚଳ ନଳକୂପ ସ୍ଥାନରେ ନୂତନ ନଳକୂପ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି । ଏଥିପାଇଁ ରାଜ୍ୟ ଯୋଜନାରୁ ୨୪ କୋଟି ୮ ଲକ୍ଷ ଟଙ୍କା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରୁ ୨୫ କୋଟି ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସେହିପରି ରାଜ୍ୟ ଯୋଜନାରୁ ୧ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନରୁ ୨ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଗ୍ରାମାଞ୍ଚଳରେ ୫୦ ଗୋଟି ମହିଳା ଶୌଚ୍ଚାଳୟ, ୭ଟି ସୁଲଭ ଶୌଚ୍ଚାଳୟ, ୩୦ଟି ବିଦ୍ୟାଳୟ ପାଇଖାନା ଓ ପରିସ୍ରାଗାର ତଥା ୮ ହଜାର ଘରୋଇ ପାଇଖାନା ନିର୍ମାଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହିପରି ଭାବରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟ ପାଇଁ ମୋଟ ୨୫ କୋଟି ୮ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ କେନ୍ଦ୍ର ସରକାରଙ୍କଠାରୁ ୩୭ କୋଟି ୯ ଲକ୍ଷ ଟଙ୍କା ମିଳିବାର ଆକଳନ କରାଯାଇଅଛି ।

୧୯. ନୂତନ ରାସ୍ତା ଘାଟର ନିର୍ମାଣ, ଓ ପୁରାତନ ରାସ୍ତାର ଉନ୍ନତି ନିମନ୍ତେ ଚଳିତ ବର୍ଷରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗମାନଙ୍କରେ ଯଥାକ୍ରମେ ୧୨୩ କୋଟି ୭୬ ଲକ୍ଷ ଟଙ୍କା ଓ ୩୭ କୋଟି ଟଙ୍କାର ଖର୍ଚ୍ଚ ବରାଦ କରାଯାଇଛି । ରାଜ୍ୟ ଯୋଜନାରେ ପୂର୍ତ୍ତ ବିଭାଗଙ୍କ ଦ୍ୱାରା ନିର୍ମାଣାଧୀନ ୪୫ଟି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏତଦ୍‌ବ୍ୟତୀତ ପ୍ରାୟ ୨୯୫ କି.ମି. ରାସ୍ତାର ମେଟାଲିଂ ଏବଂ ୨୯୫ କିଲୋମିଟର ରାସ୍ତା ପିଚୁ କରିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କ ଜରିଆରେ ଏହି ଆର୍ଥିକ ବର୍ଷରେ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ୫୦ ଟି ସେତୁ, ୨୨୦ କି.ମି. ପିଚୁରାସ୍ତା, ୩୫୦ କି.ମି. ମେଟାଲିଂ ରାସ୍ତା ଏବଂ ୨୫୦ କି.ମି. ମାଟି ଓ ମୋରମ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

୨୦. ବିଭିନ୍ନ ପ୍ରଶାସନିକ ବିଭାଗମାନଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହ ଓ ଅଫିସଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ବଜେଟ୍‌ରେ ୨୨ କୋଟି ୯୫ ଲକ୍ଷ

ଟଙ୍କା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ୍‌ରେ ୩ କୋଟି ୪୬ ଲକ୍ଷ ଟଙ୍କା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟ୍‌ରେ ୫ କୋଟି ୨୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୧. ୧୯୯୬-୯୭ ଆର୍ଥିକ ବର୍ଷରେ ପୌର ଜଳଯୋଗାଣ ପାଇଁ ୨୩ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଭୁବନେଶ୍ୱର ସହର ପାଇଁ ନିର୍ମାଣାଧୀନ ନରାଜ ଜଳଯୋଗାଣ ପ୍ରକଳ୍ପ ଚଳିତ ବର୍ଷ ସମାପ୍ତ କରାଯିବ । ସମ୍ବଲପୁର, କଟକ, ଯାଜପୁରରୋଡ୍, କେନ୍ଦ୍ରାପଡ଼ା ଓ ଜୟପୁର ସହର ପାଇଁ ହୁଡ୍‌କୋ ସହାୟତାରେ ଯେଉଁ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଇଛି ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଆସନ୍ତା ନବକଳେବର ଉତ୍ସବକୁ ଦୃଷ୍ଟିରେ ରଖି ପୁରୀ ସହରକୁ ପ୍ରତିଦିନ ଅତିରିକ୍ତ ୩ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଚଳିତ ବର୍ଷ ଶେଷ ସୁଦ୍ଧା ରାଜ୍ୟର ସହରାଞ୍ଚଳ ଜନସଂଖ୍ୟାର ଶତକଡା ୬୪ ଭାଗ ଅଧିବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବଜେଟ୍‌ରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବିଶ୍ୱ ପ୍ରସିଦ୍ଧ ପୁରୀ ସମୁଦ୍ରକୂଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବାଙ୍କି ମୁହାଣଠାରେ ନିର୍ମାଣାଧୀନ ଦୂଷିତ ଜଳ ନିଷ୍କାସନ ଯୋଜନାକୁ ଚଳିତ ବର୍ଷ ସମ୍ପୂର୍ଣ୍ଣ କରାଯିବ । ପୌରାଞ୍ଚଳ ଉନ୍ନୟନ ଯୋଜନାଗୁଡ଼ିକ ପାଇଁ ଚଳିତ ବର୍ଷ ୧୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହାଦ୍ୱାରା ସହରାଞ୍ଚଳରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା, ଶ୍ରମଭିତ୍ତିକ ନିଯୁକ୍ତି ଯୋଜନା, ସହରାଞ୍ଚଳ ବସ୍ତି ପରିବେଶ ଉନ୍ନୟନ କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀଙ୍କ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହୋଇ ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ବ୍ୟକ୍ତି ଏବଂ ବସ୍ତି ବାସିନ୍ଦାମାନଙ୍କୁ ମୌଳିକ ସେବା ଓ ସହାୟତା ଯୋଗାଇ ଦିଆଯାଇ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରାଯାଇପାରିବ । ଗୃହନିର୍ମାଣ ପରିକଳ୍ପନା ପାଇଁ ଚଳିତ ଆର୍ଥିକ ବର୍ଷରେ ୯ କୋଟି ୯୨ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଉକ୍ତ ବଜେଟ୍ ଅଟକଳ ଏବଂ ହୁଡ୍‌କୋ ଋଣ ସହାୟତାରେ ଗ୍ରାମାଞ୍ଚଳରେ ୧୫,୦୦୦ଟି ଗରିବ